## ୪ବଖରା ଜଳିଗଲା

ପାଟଣା,୧୭।୧୨(ସ୍ୱ.ପ୍ର.):କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ପୁରୁଣାପାଣି ଗ୍ରାମର ଦୁଗା ସାହିରେ ବୁଧବାର ଭୟାବହ ଅଗ୍ନିକାଣ୍ଡ ଘଟି ଗ୍ରାମର ରାମାଇ ମୁଣ୍ଡା ଓ ସାଦ ମୁଣ୍ଡାଙ୍କ ୩ ବଖରା ଚାଳଛପର ଘର ଓ ୧ ବଖରା ଟାଇଲ ଘର ଜଳି ପୋଡି ନଷ୍ଟ ହୋଇଯାଇଛି। ଏଥି ସହ ଘରେ ମହଜୁଦ ଥିବା ୧୫ କୁଇଣ୍ଟାଲ ଧାନବସ୍ତା ଆଉ ପାଳ ଗଦା ଜଳିପୋଡି ନଷ୍ଟ ହୋଇଯାଇଛି। ଘର ପାଖ ଧାନ ଖଳାରେ ଥିବା କଚଡାଗଦାରେ ଛୁଆ ନିଆଁ ଲଗାଇ ଦେବାରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।



## ସଂକ୍ଷେପରେ

### ଅସହାୟାଙ୍କୁ ସ୍ୱଧାର ଗୃହରେ ରଖିଲା ପ୍ରଶାସନ

ଭଦ୍ରକ ଅଫିସ,୧୭।୧୨: ଭଦ୍ରକ ଜିଲା ସଦର ବ୍ଲକର ସାହାଡ଼ା ଲାଲାଜୀ ବଜାରରେ ବୁଲୁଥିବା ଜଣେ ଅସହାୟା ତଥା ନିରାଶ୍ରୟା ମହିଳାଙ୍କୁ ଉଦ୍ଧାର କରାଯାଇଛି। ମହିଳାଙ୍କ ଘର, ଠିକଣା ସମ୍ପର୍କରେ କାହାରିକୁ ଜଣାନାହିଁ। ମହିଳା ଜଣଙ୍କ ଉକ୍ତ ବଜାରରେ ଦୋକାନ ବାରଣ୍ଡାରେ ରାତ୍ରିଯାପନ କରୁଥିଲେ। କେତେଜଣ ଅସାମାଜିକ ବ୍ୟକ୍ତି ମହିଳାଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଆଇନଜୀବୀ କିଶୋର କୁମାର ନାୟକ ଜିଲା ପ୍ରଶାସନକୁ ଟୁଇଟ୍ ମାଧମରେ ଜଣାଇବା ପରେ ଏହା ଗଣମାଧମର ଦୃଷ୍ଟିକୁ ଆସିଥିଲା। ଭଦ୍ରକ ୱାନ୍ ଷ୍ଟପ୍ ସେଣ୍ଟରର କର୍ମଚାରୀ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଆଇସିଡିଏସ୍ ସୁପରଭାଇଜର ପ୍ରମୁଖ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଭଦ୍ରକ ମେଡିକାଲକୁ ଆଣିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଫେଲୋଶିପ୍ ଦ୍ୱାରା ପରିଚାଳିତ ସ୍ୱଧାର ଗୃହରେ ରଖାଯାଇଛି।

### ହିତାଧିକାରୀଙ୍କୁ ମିଳୁନି ରାଶନ ସାମଗ୍ରୀ

ହାଟଡିହୀ, ୧୭।୧୨(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଧନୁର୍ଜୟପୁର ପଞ୍ଚାୟତରେ ଯୋଗାଣ ସାମଗ୍ରୀ ପାଇବାରୁ ବଞ୍ଚିତ ହିତାଧିକାରୀ ମାନେ ପଞ୍ଚାୟତ ଫାଟକରେ ତାଲା ପକାଇ ଘେରାଉ କରିଥିଲେ। ଦୀର୍ଘ ସମୟ ଧରି ଘଟଣା ସ୍ଥଳକୁ କୌଣସି ଅଧିକାରୀ ପହଞ୍ଚି ନ ଥିବା କାରଣରୁ ଅସନ୍ତୋଷ ଓ ଉତ୍ତେଜନା ଦେଖାଦେଇଥିଲା। କୁସଟିକିରି ଗ୍ରାମର ନୁଟିଆ ୱାର୍ଡବାସୀଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କୁ ଯୋଗାଣ ସାମଗ୍ରୀ ମିଳୁନି। ଏପରିକି ଜବକାର୍ଡରେ ଆସୁଥିବା ମଜୁରୀ ଅନୁଦାନକୁ ନ ଦେଇ ପାରିଲେ ଯୋଗାଣ ସାମଗ୍ରୀ ଦିଆଯାଉନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। କରୋନା ଥିବାରୁ କାମ ମିଳୁନି ଯେଉଁ କାମ ଆସୁଛି ମେଶିନ ଦ୍ୱାରା କରାଯାଉଛି ବୋଲି ମଧ ଅଭିଯୋଗ ହୋଇଛି। ବଉଳା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ସାତ ଦିନ ମଧରେ ସମସ୍ୟାର ସମାଧାନ ନ ହେଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ହିତାଧିକାରୀ ମାନେ କହିଛନ୍ତି। ତେବେ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷେତ୍ରବାସୀ ସିଂ ଏପରି ଅଭିଯୋଗକୁ ଅସ୍ୱୀକାର କରିଥିବା ବେଳେ ଲୋକଙ୍କ ସମସ୍ୟା ଦିଗରେ ଦୃଷ୍ଟି ଦିଆଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ଭଦ୍ରକ ବିଡିଓଙ୍କ ପରଲୋକ

ଭଦ୍ରକ ଅଫିସ,୧୭।୧୨: ଭଦ୍ରକ ବିଡିଓ ଦାମୋଦର ଖୁଣ୍ଟିଆ (୫୯)ଙ୍କର ବୁଧବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ



ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୨୦୧୯ ଡିସେମ୍ବର ୧୭ରେ ଭଦ୍ରକ ବିଡିଓ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ଶ୍ରୀରାମପୁର ଅଞ୍ଚଳରେ ହୋଇଥିବା ବେଳେ ସେ ବ୍ଲକ କଲୋନୀ ସରକାରୀ କ୍ୱାର୍ଟର୍ସରେ ରହୁଥିଲେ। ତାଙ୍କ ମୃତ୍ୟୁରେ ଜିଲା ପ୍ରଶାସନ ପକ୍ଷରୁ ଶୋକ ପ୍ରକାଶ କରାଯାଇ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା।

# ମା' ଛେଉଣ୍ଡ ଶିଶୁଙ୍କୁ ଥଇଥାନ ପାଇଁ ନିର୍ଦ୍ଦେଶ

ବାସୁଦେବପୁର,୧୭।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଞ୍ଚାୟତ ଚନ୍ଦନପୋଖରୀ ଆଡ଼ିରେ ଦୀର୍ଘଦିନ ରହି ଆସୁଥିବା ସୁବର୍ଣ୍ଣା ମଳିକଙ୍କର ଚଳିତ ମାସ ପ୍ରଥମ ସପ୍ତାହରେ ରୋଗରେ ମୃତ୍ୟୁ ଘଟିଛି। ତାଙ୍କର ୭ ବର୍ଷର ଝିଅ ରୁପା ଓ ୩ ବର୍ଷର ପୁଅ ଶିବ ଏବେ ମା' ଛେଉଣ୍ଡ ହୋଇ ବୃଦ୍ଧା ଜେଜେମା କାଳୀ ମଳିକଙ୍କ ପାଖରେ ଏକ ଭଙ୍ଗାଘରେ ଆଶ୍ରୟ ନେଉଛନ୍ତି। ଏହି ଅସହାୟ ପରିବାରର ଦୁଃଖଦ ଚିତ୍ର ଲୋକଲୋଚନକୁ ଆସିବା ପରେ ସୁରକ୍ଷା ଓ ସହାୟତା ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଶାସନ ଓ ସ୍ଥାନୀୟ ପଞ୍ଚାୟତର ଲୋକପ୍ରତିନିଧିଙ୍କ ସହ ବୁଧବାର ସନ୍ଧ୍ୟାରେ ପହଞ୍ଚିଥିଲେ। ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ମା' ଛେଉଣ୍ଡ ୨ ଶିଶୁଙ୍କ ପାଠପଢ଼ା, ରହିବା, ଆବଶ୍ୟକ ଖାଦ୍ୟ ଯୋଗାଣ ଏବଂ ସେମାନଙ୍କ ଜେଜେମା କିପରି ସରକାରୀ ଯୋଜନାରେ ସାମିଲ ହୋଇ ସ୍ଥାୟୀ ଜାଗା ଖଣ୍ଡିଏ ପାଇ ଘର କରିପାରିବେ ସେ ଦିଗରେ ଦୃଷ୍ଟି ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ ସ୍ତରରେ ଏହି ପରିବାର ଓ ଦୁଇ ଶିଶୁଙ୍କୁ ସମସ୍ତ ସହଯୋଗ କରାଯିବ ବୋଲି ବିଧାୟକ ରାଉତରାୟ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକଙ୍କ ସହିତ ତାଙ୍କ ପ୍ରତିନିଧି ଅସିତ ଦାଶ,



ଅସହାୟ ଶିଶୁଙ୍କ ଘର ନିକଟରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟ ଅଧିକାରୀମାନେ।

ବ୍ଲକ ଅଧକ୍ଷା ପୂର୍ଣ୍ଣିମା ମଳିକ, ଜିଲା ପରିଷଦ ସଭ୍ୟ ସୂର୍ଯ୍ୟକାନ୍ତ ମଳିକ, ବିଡିଓ ପ୍ରଣବ କୁମାର ବେହେରା, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ବିଶ୍ୱାଳ, ପଡ଼ୁଁଆ ସରପଞ୍ଚ ଦୀନବନ୍ଧୁ ଦାସ, ଯୁବନେତା ରାଜେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏଟିଏମ୍ ଅଚଳ, ଗ୍ରାହକ ହନ୍ତସନ୍ତ

ବୈଶିଙ୍ଗା,୧୭।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ କଳମା ଅଞ୍ଚଳରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଏଟିଏମ୍‌ଗୁଡ଼ିକ ପ୍ରାୟ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କାରଣରୁ ଅଚଳ ହୋଇ ପଡ଼ିଛି। ଫଳରେ ବ୍ୟାଙ୍କର ଗ୍ରାହକମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ କାର୍ଡ ନେଇ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରେ ବ୍ୟବହାର କରିବାରେ ମଧ ସମସ୍ୟା ଅଛି। ଏକ ମାସ ମଧରେ ସର୍ବାଧିକ ୩ଥର ନଗଦ ଉଠାଣ କରାଯାଇ ପାରିବ। ଏହା ପରେ ପ୍ରତ୍ୟେକ ଉଠାଣ ନିମନ୍ତେ ପନ୍ଦର ଟଙ୍କା କରି ସର୍ଭିସ ଚାର୍ଜ ଗ୍ରାହକଙ୍କୁ ବହନ କରିବାକୁ ପଡ଼ିଥାଏ। ଏହା ବ୍ୟତୀତ ପ୍ରତ୍ୟେକ ବର୍ଷ ଏଟିଏମ୍ ମେଣ୍ଟେନାନ୍ସ ଚାର୍ଜ ବାବଦରେ ୧୭୭ ଟଙ୍କା ଗ୍ରାହକଙ୍କ ଜମା ଖାତାରୁ କାଟି ନିଆଯାଉଛି। ଗତ ନଭେମ୍ବର ମାସରେ ମଧ ପ୍ରତ୍ୟେକ ଗ୍ରାହକଙ୍କ ଜମା ଖାତାରୁ ୧୭୭ ଟଙ୍କା କାଟି ନିଆ ଯାଇଥିବା ବହୁ ଗ୍ରାହକ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବୈଶିଙ୍ଗା ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳିକାଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟକୁ ବହୁ ପୂର୍ବରୁ ଜଣାଇ ସାରିଛନ୍ତି। ତେଣୁ ତାଙ୍କର ଏଥିରେ କିଛି ପଦକ୍ଷେପ ଗ୍ରହଣ କରିବାର କ୍ଷମତା ନାହିଁ ବୋଲି କହିଥିଲେ। ତେବେ ଆସନ୍ତା ୧୫ ଦିନ ମଧରେ ଏଟିଏମ୍‌ଗୁଡ଼ିକ କାର୍ଯ୍ୟକ୍ଷମ ନ ହେଲେ ବ୍ୟାଙ୍କ ଶାଖା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଶିବାଜୀ ଯୁବକ ସଂଘର ସଭାପତି ଅଞ୍ଜନ କୁମାର ପଣ୍ଡା ଓ କୋଷାଧକ୍ଷ ଉତ୍ସର୍ଗ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ୨୨ରେ ନେସ୍କୋ ଅଫିସ୍ ଘେରାଉ



ଖବରଦାତା ସମ୍ମିଳନୀରେ ନେସ୍କୋ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା।

ବାଲେଶ୍ୱର ଅଫିସ,୧୭।୧୨

ବାଲେଶ୍ୱର ରେମୁଣା ଗୋଲେଇ ନିକଟରେ ଥିବା ନେସ୍କୋ ବିଦ୍ୟୁତ୍ ବିତରଣ ସଂସ୍ଥା ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୨ରେ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଘେରାଉ କରାଯିବ ବୋଲି ଗୁରୁବାର ବାଲିଆସ୍ଥିତ ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍ ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ, କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ନ ଦେଇ ସେମାନଙ୍କୁ ଶ୍ରମ ଶୋଷଣ କରାଯାଉଛି। ନିମ୍ନମାନର ବିଦ୍ୟୁତ୍ ଉପକରଣ ବ୍ୟବହାର, ମିଟର ରିଡିଂ, ବିଲିଂ ଓ ମରାମତି କାର୍ଯ୍ୟ ଠିକାଦାରମାନଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିବା, ହାତୀ ସୁରକ୍ଷା କରିଡର ପାଇଁ ଆସିଥିବା ଅର୍ଥ ଆତ୍ମସାତ୍ କରିବା, ଦୀର୍ଘଦିନ ଧରି ଖାଲି ପଡ଼ିଥିବା ସ୍ଥାୟୀ ପଦବୀ ପୂରଣ ନ କରିବା, କର୍ମଚାରୀମାନଙ୍କର ବକେୟା ଥିବା ଅର୍ଥ ପୈଠ କରାଯାଉନି। ଖବରଦାତା ସମ୍ମିଳନୀରେ ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍‌ର ସଭାପତି ସୁଦର୍ଶନ ଜେନା, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ଜଗଦୀଶ ବେହେରା, ଅକ୍ଷୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ନେସ୍କୋର ଅଥୋରାଇଜ୍‌ଡ ଅଫିସର ସବ୍ୟସାଚୀ ପାତ୍ରୀ କହନ୍ତି, ଓଡ଼ିଶା ଇଲେକ୍ଟ୍ରି ରେଗୁଲେଟୋରୀ କମିଶନରଙ୍କ ପଲିସି ଅନୁସାରେ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସମ୍ପର୍କରେ କାର୍ଯ୍ୟକାରୀ କରୁଛନ୍ତି। ସେହିପରି କୁଶଳୀ ଓ ଅଣକୁଶଳୀ କର୍ମଚାରୀଙ୍କୁ ସେମାନଙ୍କର ପାରିଶ୍ରମିକ କିପରି ଦିଆଯିବ ମାନବ ସମ୍ବଳ (ଏଚ୍‌ଆର୍) କମିଟି ବିଚାର କରୁଛି। ଯାହା ଅଥୋରାଇଜ୍‌ଡ ଅଫିସରଙ୍କ ଦ୍ୱାରା ସମ୍ଭବ ନୁହେଁ। କାର୍ଯ୍ୟରେ ସେ ଯୋଗଦେବା ପୂର୍ବରୁ ଅଣାଯାଇଥିବା ନିମ୍ନମାନର ବିଦ୍ୟୁତ୍ ଉପକରଣକୁ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସଂଘର ସଦସ୍ୟମାନେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ କେବଳ କମ୍ପାନୀ ଉପରେ ଚାପ ପକାଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନକୁ ଶ୍ରମିକ କର୍ମଚାରୀ ମିଳିତ ମଞ୍ଚ ବିରୋଧ କରି କମ୍ପାନୀକୁ ସହଯୋଗ କରି ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଜୀବନବିନ୍ଦୁ କାର୍ଯ୍ୟକ୍ରମ

କେନ୍ଦୁଝର, ୧୭।୧୨(ଡି.ଏନ୍.ଏ.)

କେନ୍ଦୁଝର ସଦର ବ୍ଲକ ପର୍ଜନପୁରସ୍ଥିତ ହାଇସ୍କୁଲ ପରିସରରେ ଗୁରୁବାର ଓଡ଼ିଶା–ମୋ ପରିବାର ଆନୁକୂଲ୍ୟରେ 'ଜୀବନବିନ୍ଦୁ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଏହି ଶିବିରରେ ମୋଟ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପ୍ରଦୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଯୁବ ବିଜେଡି ରାଜ୍ୟ ସାଧାାରଣ ସମ୍ପାଦକ ଅଞ୍ଜନ କୁମାର ବେଜ୍, ପୂର୍ବତନ କେସିସି ବ୍ୟାଙ୍କ ସଭାପତି କାନନ ବିହାରୀ ପହି ଯୋଗ ଦେଇ ରକ୍ତଦାନ କରି ରକ୍ତ ଅଭାବ ଦୂର କରିବାକୁ ଆହ୍ୱାନ ଦେଇଥିଲେ। ଏହି ଶିବିରରେ ଟାଉନ ଯୁବ ବିଜେଡି ସଭାପତି ରଞ୍ଜନ କୁମାର ତ୍ରିପାଠୀ, ଜଗଦିଶ ଆପଟ୍ଟ, ଚକ୍ରଧର ପରିଡା, ଅରୁଣ କୁମାର ବ୍ରହ୍ମ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ତହସିଲ ଘେରାଉ

ଜଳେଶ୍ୱର, ୧୭।୧୨(ସ୍ୱ.ପ୍ର.)

ମାନବାଧିକାର ଦିବସ ପରିପ୍ରେକ୍ଷୀରେ ବିରୋଧୀ ଦଳର ନେତା ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ନାରୀମାନଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟର ପ୍ରତିବାଦ କରି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଗୁରୁବାର ତହସିଲ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହାସହ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର କ୍ଷୀରୋଦ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି । ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଜଳେଶ୍ୱର ବ୍ଲକ ସମ୍ପାଦିକା ଶାନ୍ତିଲତା ପଣ୍ଡାଙ୍କ ନେତୃତ୍ୱରେ ଆରତୀ ପଲାଇ, ଈଷାନୀ ଆଚାର୍ଯ୍ୟ, ମମତା ରାଜ, ଗୀତା ସିଂ, ମାଳତୀ ଭୂୟାଁ, ଆରତୀ ମହାନ୍ତି, ଉମା ମାହାଲି, ସାବିତ୍ରୀ ନାୟକ, ବାଙ୍ଗିରୀ ପଲାଇ, ରାସମଲି ପଲାଇ, ବନ୍ଦିତା ପାତ୍ର, ଜୟନ୍ତୀ ରଣା, ଲକ୍ଷ୍ମୀପ୍ରିୟା ଜେନା, ଅନୀତା ଦେବନାଥ, ମାଳତୀ ପଲାଇ, ସରସ୍ୱତୀ ନାୟକ, ମନ ଦେବନାଥ ପ୍ରମୁଖ ବହୁ ମହିଳା ଏହି ଘେରାଉରେ ସାମିଲ ଥିଲେ ।





ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ତହସିଲ ଘେରାଉ।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ

ବାରିପଦା ଅଫିସ,୧୭।୧୨

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ଜିଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ସପରିବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସକାଳେ ବାରିପଦା ସହରରେ ରାମଧୂନ ଗାନ କରାଯାଇଥିଲା । ପରେ ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାରିପଦା ମଧୁବନର ରାଣୀବାଗଠାରେ ଥିବା ମହାରାଜାଙ୍କ ସମାଧିପୀଠରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲା ପ୍ରଶାସନ





ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ବ୍ୟକ୍ତିବିଶେଷ।

ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତି, ଉପଜିଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ପି. ଅନ୍ୱେଷା ରେଡ୍ଡି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବିଜେଡି, ଭାଜପା ଓ କଂଗ୍ରେସ ଦଳର ବରିଷ୍ଠ ନେତୃବୃନ୍ଦ, ବିଶିଷ୍ଟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପାଣ କରିଥିଲେ।

## ବସୁଧା ମେଗା ପ୍ରକଳ୍ପ ନିମ୍ନମାନର ଅଭିଯୋଗ

ଜଳେଶ୍ୱର,୧୭।୧୨(ସ୍ୱ.ପ୍ର.)

୨୦୨୨ ମସିହା ସୁଦ୍ଧା ସରକାର ସମସ୍ତଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ଲାଗି ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଆରୁଆ ପଞ୍ଚାୟତ ଶାଳିକୋଠା ଗ୍ରାମରେ ନିର୍ମିତ ୧ଲକ୍ଷ ବିଶିଷ୍ଟ ପାଣି ଟାଙ୍କି ନିମ୍ନମାନର ବୋଲି ପଞ୍ଚାୟତ ପକ୍ଷରୁ ଅଭିଯୋଗ ହୋଇଛି । ଟାଙ୍କିର ବିଭିନ୍ନ ସ୍ଥାନରେ ଫାଟ ହୋଇ ପାଣି ଝରୁଥିବା ବେଳେ ବିଛାଯାଇଥିବା ପାଇପ୍ ଅସମ୍ପୂର୍ଣ୍ଣ ରହିଛି। ଏପରିକି ପାଇପ୍ ଫାଟି ରାସ୍ତା କାଦୁଅ ହେବା ସହିତ ଲୋକମାନେ ଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର ଏ ସମ୍ପର୍କରେ ଆର୍‌ଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ ମଧ ତାର ପ୍ରତିକାର ହେଉ ନ ଥିବାରୁ ଆସନ୍ତା ଡିସେମ୍ବର ୨୬ ତାରିଖରୁ ଅଫିସ୍ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ ଓ ସମିତିସଦସ୍ୟ ରାଜେନ୍ଦ୍ର ପାତ୍ରଙ୍କ ସହିତ ବହୁ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି।

# 'ଚାଷୀଙ୍କ ହିତରେ କେନ୍ଦ୍ରୀୟ କୃଷି ଆଇନ'

କେନ୍ଦୁଝର, ୧୭।୧୨(ଡି.ଏନ୍.ଏ.)

କେନ୍ଦୁଝରରେ ଭାଜପା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କେନ୍ଦ୍ରୀୟ କୃଷି ଆଇନ ବାବଦରେ ସୂଚନା ଦିଆଯାଇଥିବାବେଳେ ଚାଷୀମାନଙ୍କୁ କେତେକ ଭୁଲ୍ ବାଟରେ ପରିଚାଳିତ କରୁଥିବା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର କହିଥିଲେ। ଅନ୍ୟପକ୍ଷରେ ରାଜ୍ୟରେ ବଢି ଚାଲିଥିବା ଶିଶୁ ନିଖୋଜ ଘଟଣାରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନ ଯଥେଷ୍ଟ ନୁହେଁ ବୋଲି ସେ ପ୍ରକାଶ କରିଥିଲେ। ଭାରତୀୟ ଜନତା ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ମହାପାତ୍ର ଏହି ଅବସରରେ କେନ୍ଦ୍ର ସରକାର ନୂତନ କରି ପ୍ରଣୟନ କରିଥିବା କୃଷି ଆଇନ ସମ୍ପର୍କରେ ଉପସ୍ଥିତ ସାମ୍ବାଦିକମାନଙ୍କୁ ବିସ୍ତୃତ ଭାବେ ବୁଝାଇବା ସହ ନୂତନ କୃଷି ଆଇନ ଚାଷୀଙ୍କ ହିତ ପାଇଁ ବୋଲି ପ୍ରକାଶ କରିଥିଲେ। ଏହି କୃଷି ଆଇନ ଯୋଗୁ ଛୋଟ ଛୋଟ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଆଗାମୀ ୨୪ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାର ଚାଷୀମାନଙ୍କୁ ନେଇ ଏକ ବିରାଟ ଚାଷୀ ସମାବେଶ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଭାଜପା ପକ୍ଷରୁ ମଣ୍ଡିକୁ ଚାଲ ଅଭିଯାନ ମଧ କରାଯିବ ବୋଲି କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜମହାନ୍ତ ବର୍ମା ଅଧକ୍ଷତା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ସଭାପତି ମହମ୍ମଦ ସିକନ୍ଦର ଆଲ୍ଲୀ, ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ମୋହନ ଚରଣ ମାଝୀ, ପୂର୍ବତନ ଏମ୍‌ପି ଅନନ୍ତ ନାୟକ, ଭାଜପା କୃଷକମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ମହେଶ୍ୱର ସାହୁ, ଭାଜପା ନେତା ମୁରଲୀ ମନୋହର ଶର୍ମା, ପୂର୍ବତନ ଜିଲା ସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ, ଭାଜପା ନେତା ପୃଥିରାଜ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ 'ମୋ ସ୍କୁଲ ଅଭିଯାନ'

ରସାଲପୁର/ ରୂପସା, ୧୭।୧୨ (ଡି.ଏନ.ଏ.)

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ କାଳୀପୁର କ୍ଲଷ୍ଟର ଫୁଲୱାର କସବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ସାରଗାଁ କ୍ଲଷ୍ଟରସ୍ଥିତ ଗୋପୀନାଥ ସରକାରୀ ଉପ୍ରା ବିଦ୍ୟାଳୟରେ ଗୁରୁବାର 'ମୋ ସ୍କୁଲ ଅଭିଯାନ' ବୈଠକ ଅନୁଷ୍ଠିତ ହୋଇଯାଇଛି।

କାଳୀପୁର କ୍ଲଷ୍ଟର ମାଧମରେ ଆୟୋଜିତ 'ମୋ ସ୍କୁଲ ଅଭିଯାନ' ବୈଠକରେ କୋର୍ କମିଟି ସଦସ୍ୟ ବୀରକିଶୋର ଦେ ସଭାପତିତ୍ୱ କରିଥିଲେ। ସିଆର୍‌ସିସି ତୁଷାର ସାହୁ ଅତିଥି ପରିଚୟ ପ୍ରଦାନ କରି ବୈଠକର ଉଦ୍ଦେଶ୍ୟ ରଖିଥିଲେ। ସେହିପରି ସାରଗାଁ କ୍ଲଷ୍ଟର ଅଧୀନ ଗୋପୀନାଥ ସରକାରୀ ଉପ୍ରା ବିଦ୍ୟାଳୟରେ ଆୟୋଜିତ ବୈଠକରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଘୁବୀର କର ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ତ୍ରିଲୋଚନ ପରିଡ଼ା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିଥି ଭାବେ ସଦର ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା ଓ ଅମରେନ୍ଦ୍ର ଦାସ 'ମୋ ସ୍କୁଲ ଅଭିଯାନ' ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉଭୟ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ସିଆର୍‌ସିସି ଓ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର, ଅଭିଭାବକ ଯୋଗଦେଇଥିଲେ।





କାଳୀପୁର କ୍ଲଷ୍ଟର ମାଧମରେ ଆୟୋଜିତ 'ମୋ ସ୍କୁଲ ଅଭିଯାନ' ବୈଠକ।

# ହୋହଲ୍ଲାରେ ସରିଲା ପଞ୍ଚାୟତ ସମିତି ବୈଠକ

ବାହାନଗା,୧୭।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ପଞ୍ଚାୟତ ସମିତି ବୈଠକ ହୋହଲ୍ଲାରେ ଶେଷ ହୋଇଛି। ବୈଠକରେ ବହୁ ସରକାରୀ କର୍ମଚାରୀ ଅନୁପସ୍ଥିତ ଥିବାରୁ ଉପସ୍ଥିତ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଅଧକ୍ଷା ସରସ୍ୱତୀ ମହାଳିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବିଡିଓ ରଘୁନାଥ ପାଣିଗ୍ରାହୀ, ସୋର ବିଧାୟକ ପର୍ଶୁରାମ ଧଡ଼ା,ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବାଲେଶ୍ୱର ଏମ୍‌ପିଙ୍କ ପ୍ରତିନିଧି ବୈରାଗୀ ବେହେରା ,୧୯ ନଂ ଜୋନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ରାଜ, ଏବିଡିଓ ମାନସ କୁମାର ଚୌଧୁରୀ, ଅତିରିକ୍ତ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ଯେନା, ଅତିରିକ୍ତ ପ୍ରକଳ୍ପ ଅଧିକାରିଣୀ କଳ୍ପନା ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ। ବିବରଣୀ ପାଠ କରିଥିଲେ ଜିପିଇଓ ଜିତେନ୍ଦ୍ର ସାମଲ। ବୈଠକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ ଆଲୋକପାତ କରାଯାଇଥିଲା। ତେବେ ୪ ବର୍ଷ ତଳେ ସଭାଗୃହ ଓ ଅନ୍ୟାନ୍ୟ ଘର ନିର୍ମାଣ ପାଇଁ ବ୍ଲକକୁ ଆସିଥିବା ୪୦ ଲକ୍ଷ ଟଙ୍କା କାର୍ଯ୍ୟ ନ ହୋଇ ପଡ଼ି ରହିଥିବା ଓ କର୍ମଚାରୀଙ୍କ ରହିବା ପାଇଁ ଘର ନିର୍ମାଣ ନିମନ୍ତେ ୩୩ ଲକ୍ଷ ଟଙ୍କା ଅଦ୍ୟାବଧି ପଡିରହି ଥିବା ବାବଦରେ ଆଲୋଚନା ହେବା ସହିତ ସଭ୍ୟାସଭ୍ୟମାନେ ହୋହଲ୍ଲା କରିଥିଲେ। ସେହିପରି ବୁଲ୍‌ବୁଲ୍ ବାତ୍ୟାରେ କ୍ଷୟକ୍ଷତି ବାବଦକୁ ସରକାର ୫୨ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ମଧ ତାହା କୌଣସି ପଞ୍ଚାୟତକୁ ଖର୍ଚ୍ଚ କରିବା ପାଇଁ ଦିଆ ନ ଯିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ସମ୍ପର୍କରେ ବ୍ଲକର କୌଣସି ଖବରଦାତାଙ୍କୁ ଜଣା ନ ଯିବା ଓ ସେମାନଙ୍କ ବସିବା ପାଇଁ କୌଣସି ବ୍ୟବସ୍ଥା ନ ହେବା ସମ୍ପର୍କରେ ଉପସ୍ଥିତ ଖବରଦାତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ ।



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅଧିକାରୀମାନେ।

## ସଚେତନତା ରଥ ଶୁଭାରମ୍ଭ

ଭଦ୍ରକ ଅଫିସ: ୨୦୨୦-୨୧ ପାଇଁ ଧାନକିଣା ଆରମ୍ଭ ହେବା ପୂର୍ବରୁ ଚାଷୀମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ରଥର ଶୁଭରାମ୍ଭ କରିଥିଲେ। ଆସନ୍ତା ୨୦ରୁ ୨୦୨୧ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବିଭିନ୍ନ ପ୍ୟାକ୍ସ ଓ ସମବାୟ ସମିତି ମାଧ୍ୟମରେ ସରକାରୀ ସ୍ତରରେ ଧାନ କ୍ରୟ କରାଯିବ। ଜିଲାର ୭ଟି ବ୍ଲକ ପାଇଁ ୭ଟି ରଥ କରାଯାଇଛି।

## ସଂକ୍ଷେପରେ

### ଚୋରା ବନ୍ଧୁକ ଜବତ: ଯୁବକ ଗିରଫ



ଉଦଳା,୧୭।୧୨(ଡି.ଏନ.ଏ.): ବେଆଇନ ଭାବେ ଘରେ ଚୋରା ବନ୍ଧୁକ ରଖିଥିବା ଜଣେ ଯୁବକଙ୍କୁ ମୟୂରଭଞ୍ଜ ଜିଲା ଉଦଳା ଥାନା ପୋଲିସ୍ ଗିରଫ କରିଛି। ତାଙ୍କଠାରୁ ୨ଟି ବନ୍ଧୁକ ଏବଂ ୩ ଅଫୁଟା ଗୁଳି ଜବତ ହୋଇଛି। ଗିରଫ ଯୁବକ ହେଲେ ଖୁଣ୍ଟା ଥାନା ଚିଲିମା ପୁରୁଣାବାରିପଦା ଗ୍ରାମର କାଠିଆ ଓରଫ ମନୋଜ କୁମାର ମହାନ୍ତ। ଚୋରା ବନ୍ଧୁକ ରଖିଥିବା ସମ୍ପର୍କରେ ଖବରପାଇ ବୁଧବାର ପୋଲିସ ତାଙ୍କ ଘରେ ଚଢ଼ାଉ କରିଥିଲା। ଖାନ୍‌ତଲାସ ବେଳେ ମନୋଜ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରି ଆହତ ହୋଇଥିଲେ। ପୋଲିସ ତାଙ୍କୁ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୩୨୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ଆଦିବାସୀ ନେତା ଲକ୍ଷ୍ମଣ ସିଂଙ୍କ ପରଲୋକ

ସଜନାଗଡ଼,୧୭।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରିର ବରିଷ୍ଠ ଆଦିବାସୀ ନେତା ତଥା ଡିଷ୍ଟ୍ରିକ୍ଟ ସବ୍‌ରେଜିଷ୍ଟ୍ରାର (ଡିଏସ୍‌ଆର୍) ଚାକିରିରୁ ଭିଆର୍‌ଏସ୍ ନେଇ ୩ଥର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଲକ୍ଷ୍ମଣ ସିଂ(୭୧)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ପରଲୋକ ହୋଇଛି।

୨୦୦୪ରେ ସେ ଚାକିରିରୁ ଭିଆର୍‌ଏସ୍ ପରେ ପ୍ରଥମେ ଜଣେ ଆଦିବାସୀ ନେତା



ଭାବେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍)ରେ ଯୋଗଦେଇ ସେହିବର୍ଷ ବିଧାୟକ ପ୍ରାର୍ଥୀ ହୋଇଥିଲେ। ୨୦୦୯ରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ରୁ ବିଧାୟକ ପ୍ରାର୍ଥୀ ଏବଂ ୨୦୧୪ରେ ତୃଣମୂଳ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ। ତାଙ୍କର ବୁଧବାର ଉଚ୍ଚ ରକ୍ତଚାପ ହେବା ଯୋଗୁ ପ୍ରଥମେ ନୀଳଗିରି ଓ ପରେ ବାଲେଶ୍ୱର ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପରିବାରବର୍ଗ ଉପସ୍ଥିତ ଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶେଷ ଦର୍ଶନ କରିଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ବୈଶିଙ୍ଗା,୧୭।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବାଛୁରୀପଡ଼ା ଗ୍ରାମର ଜଣେ ଯୁବକ ଗୁରୁବାର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କୁଶ ଧଳ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫୫/୨୦) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରଲୋକ

ଖଇରା, ୧୭।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ(୪୬)ଙ୍କର ପରଲୋକ ହୋଇଛି। ମଙ୍ଗଳବାର ସକାଳେ ସେ ନିଶ୍ୱାସରେ ଯନ୍ତ୍ରଣା ଅନୁଭବ କରିବାରୁ ପ୍ରଥମେ ଖଇରା ଓ ପରେ ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା। ଭଦ୍ରକରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମରଶରୀର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପହଞ୍ଚିବା ପରେ ଉତ୍କଳ ଶିକ୍ଷାପରିଷଦର ରାଜ୍ୟ ସମ୍ପାଦକ ଯୋଗେନ୍ଦ୍ର ଦାଶ, ପ୍ରାନ୍ତୀୟ ପ୍ରଚାରକ ରବିନାରାୟଣ ରାଉତ, ଖଇରା ସିମୁଳିଆର ସଂଯୋଜକ ଜନ୍ମେଜୟ ବାବୁଙ୍କ ସମେତ ଛାତ୍ରୀଛାତ୍ର, ଅଭିଭାବକ, ସାମ୍ବାଦିକ ସଂଘ, ପ୍ରତିଭା ପରିବାର, ସାହିତ୍ୟ ସଂସଦ, ଜନଜାଗରଣ ମଞ୍ଚର ସଦସ୍ୟମାନେ ଶେଷ ଦର୍ଶନ କରିଥିଲେ।

# ଧାନକିଣା ଆରମ୍ଭରୁ ବିଭ୍ରାଟ

ଉତ୍କଳବନ୍ଧୁ ପଣ୍ଡା

ଖଇରା,୧୭।୧୨

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୧୪ଟି ସେବା ସମବାୟ ସମିତିରେ ଏବେ ଧାନକିଣା ଆରମ୍ଭ ହୋଇସାରିଛି। ଅନଲାଇନରେ ବ୍ୟାପକ ତ୍ରୁଟି ରହିଥିବା ଅଭିଯୋଗ ପରେ ମଧ୍ୟ ଯୋଗାଣ ବିଭାଗ ଏହାର ସଂଶୋଧନ କରୁ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ ସମିତି ଅଧୀନରେ ଧାନ ବିକ୍ରି କରିବାକୁ ପଞ୍ଜିକରଣ କରିଥିବା ଚାଷୀ ପରମାନନ୍ଦ ସାହୁ, ଜଗବନ୍ଧୁ ରାଉତ, ପୁରୁଷୋତ୍ତମ ସାହୁ, ଶଙ୍କର୍ଷଣ ମହାପାତ୍ର, ହେମନ୍ତ କୁମାର ପୃଷ୍ଟି, ଅନୀଲ ଦାସ, ଉଦୟ କୁମାର ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

ଚଳିତବର୍ଷ ସେବା ସମିତିଗୁଡ଼ିକରେ ଧାନ ବିକ୍ରି କରିବାକୁ ଉଭୟ ଜଳସେଚିତ ଓ ଅଣଜଳସେଚିତ ଜମିର ପଟ୍ଟା ପ୍ରଦାନ କରାଯାଇଥିଲା। ହେଲେ ବୋରୱେଲ ଓ ଉଠାଜଳସେଚନ ମାଧ୍ୟମରେ ଚାଷ କରୁଥିବା ଚାଷୀମାନେ ଏଥିରେ ଅନ୍ତର୍ଭୁକ୍ତ ଥିଲେ । ହେଲେ ଯୋଗାଣ ବିଭାଗରୁ ତାଲିକା ଆସିବା ପରେ ଶତାଧିକ ଚାଷୀଙ୍କର ନାମ ବାଦ୍ ପଡିବା ଚାଷୀଙ୍କୁ ବିସ୍ମିତ କରିଥିଲା । ବିଶେଷକରି ପଳସା, ବର୍ତ୍ତନା ଓ ମିର୍ଜାପୁରରେ ସର୍ବାଧିକ ଚାଷୀ ରହିଥିବା ଜଣାପଡିଥିଲା। କେବଳ ପଳସାରେ ୩୭ଜଣ ଏଭଳି ଚାଷୀ ରହିଥିବା ନେଇ ତଥ୍ୟରୁ ଜଣାପଡିଛି। ସେହିଭଳି ୧୦ଏକରରୁ ଊର୍ଦ୍ଧ୍ୱ ଜମିର ପଟ୍ଟା ଦାଖଲ କରି ଧାନ ବିକ୍ରି ପାଇଁ ଆବେଦନ କରିଥିବା ଚାଷୀଙ୍କର ନାମ ମଧ୍ୟ ତାଲିକାରୁ ବାଦ୍ ପଡିଛି । ପୂର୍ବରୁ ଏଭଳି କିଛି କଟକଣା ନ ଥିବା ବେଳେ ଚଳିତବର୍ଷ କୃଷି ବିଭାଗ, ରାଜସ୍ୱ ବିଭାଗ ତଥା ଯୋଗାଣ ବିଭାଗ ମିଳିତ ଯାଞ୍ଚ କରୁଥିବା ଆଳରେ ଅଟକାଇ ରଖାଯିବାକୁ ୧୪ଟି ସମିତିର ଚାଷୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚାଷୀଙ୍କୁ ବିଭିନ୍ନ ଆଳରେ ଏଭଳି ନିର୍ଯ୍ୟାତନା ଦିଆଯାଉଥିବାରୁ ଆଗାମୀ ଦିନରେ କୃଷିକୁ ପ୍ରଭାବିତ କରିବ ବୋଲି ଶାସ୍ତ୍ରୀ ସଙ୍ଗଠନ ଭଳି ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି । ଘଟଣାକ୍ରମେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ଯୋଗାଣବିଭାଗ ଓ ସମବାୟ ବିଭାଗର ଅଧିକାରୀମାନେ ଧାନକେନ୍ଦ୍ରଗୁଡ଼ିକୁ ଉଦ୍‌ଘାଟନ କରିବାକୁ ଆସିଥିବା ବେଳେ ଚାଷୀମାନେ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ହେଁ ଏ ପର୍ଯ୍ୟନ୍ତ ବିଶେଷ କିଛି ଫଳପ୍ରଦ ହୋଇନାହିଁ । ଏ ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟଙ୍କ ସହ ଯୋଗାଯୋଗ କରିବାରେ ଅଧିକାଂଶ ତ୍ରୁଟି ସଂଶୋଧନ ସରିଗଲାଣି । ବାକି ଯାହା ଅଛି ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି କହିଛନ୍ତି ।




ଚାଷୀମାନେ ମନ୍ତ୍ରୀ ପାଣିଗ୍ରାହୀ ଓ ଅଧିକାରୀମାନଙ୍କୁ ଅଭିଯୋଗ କରୁଛନ୍ତି ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା



କେନ୍ଦୁଝର, ୧୭।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ଅନ୍ତର୍ଗତ ବିଲେଇପଦାଠାରେ ଥିବା ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ ତରଫରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଦେଓଝର, କଣ୍ଡରା, ବିରିକଳା, ଅସେଁଇକଳା ଏବଂ ଚମକପୁର ପଞ୍ଚାୟତର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବୈଷୟିକ ଶିକ୍ଷା ସହାୟତା ରାଶି ପାଇବା ପାଇଁ ମୋଟ ୧୧ଛାତ୍ରଛାତ୍ରୀ ମନୋନୀତ ହୋଇଥିଲେ। କମ୍ପାନୀର ବରିଷ୍ଠ ଅଧିକାରୀ ମୁକେଶ ଅଗ୍ରୱାଲ ଏବଂ ରାଘବନ ସୋମନାଥ ଗୁରୁବାର ଏକ ଉତ୍ସବରେ ଚେକ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀ ଅଗ୍ରୱାଲ କହିଥିଲେ ଯେ ଏ ଅଞ୍ଚଳରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ ପ୍ରଚେଷ୍ଟା ଜାରି ରହିବ ବୋଲି କହିଥିଲେ।

## ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଖୋଲିବାକୁ ବସିଲା ବୈଠକ

ସଜନାଗଡ଼,୧୭।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ନୀଳଗିରିର ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଖୋଲିବା ପାଇଁ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାନୁୟାରୀ ପହିଲା ପରେ ଶୈବପୀଠ ଖୋଲିବା ପାଇଁ ବାଲେଶ୍ୱର ଜିଲାପାଳ ଓ ରାଜ୍ୟ ସରକାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏତଦ୍‌ବ୍ୟତୀତ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଉନ୍ନତୀକରଣ ପାଇଁ ପାଦଚଲା ପୋଲ, ମଣ୍ଡପ ପାଇଁ ନୀଳଗିରି ଆଇଟିଡିଏକୁ ଦାୟିତ୍ୱ ଦିଆଯାଇଥିବା ବେଳେ ପାନୀୟଜଳ ସୁବିଧା, ପାଚେରିଗୁଡ଼ିକୁ ରଙ୍ଗ ଦିଆଯିବାର ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବୈଠକରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଏସ୍‌ଡିପିଓ ରୀତେଶ ମହାପାତ୍ର, ସ୍ଥାନୀୟ ସରପଞ୍ଚ ଉଷାରାଣୀ ରାଉଳ, ଟ୍ରଷ୍ଟି ବୋର୍ଡର ସଦସ୍ୟ କୈଳାସ ପଣ୍ଡା, ଅମର ପଟ୍ଟନାୟକ, ଆଇଟିଡିଏର ସହକାରୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ କଲେଜ ଦାବିରେ ଧାରଣା



ଭାଜପା ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଭଣ୍ଡାରିପୋଖରୀ, ୧୭।୧୨(ଡି.ଏନ.ଏ)

ଭଦ୍ରକ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କ ବୈମାତୃକ ମନୋଭାବ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଭାଜପା ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। କର୍ମୀମାନେ ଭଣ୍ଡାରିପୋଖରୀ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ। ଏହାପରେ ଧାରଣାରେ ବସିଥିଲେ। ଜଳମଣ୍ଡୁଆ ସରପଞ୍ଚ ଜଗବନ୍ଧୁ ଦାସଙ୍କ ସଭାପତିତ୍ୱରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ନିର୍ମଳ କର, ବସନ୍ତ ରାଉତ, ପୂର୍ଣ୍ଣଚନ୍ଦ୍ର ଖିଲାର, ଗିରୀଶ ସାମଲ, ମୁକୁନ୍ଦ ଚରଣ ମଲିକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ସୁରେଶ ସାମଲ ପ୍ରମୁଖ ଏଥିରେ ସାମିଲ ଥିଲେ। ଭଦ୍ରକ ଜିଲାରେ ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ନ ଦେବା ଓ ଏଠାରେ ମେଡିକାଲ କଲେଜ ପ୍ରତିଷ୍ଠା କରା ନ ଯିବାକୁ ସେମାନେ ନିନ୍ଦା କରିଥିଲେ। ଏହାସହ ଭଣ୍ଡାରିପୋଖରୀ ବ୍ଲକରେ ଥିବା ୬ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)ରେ ଏଲୋପାଥିକ ଡାକ୍ତର ନ ଥିବା, ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆମ୍ବୁଲାନ୍ସ ନ ଥିବା, ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବା ସହ ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ପ୍ରତିଷ୍ଠା ଲାଗି ଦାବି କରାଯାଇଛି। ସରପଞ୍ଚ କମଳ ନନ୍ଦ, ବାବାଜୀ ସାହୁ, ସନ୍ତୋଷ ସାହୁ, ତରଣୀସେନ ପଣ୍ଡା, ତପସ୍ୱିନୀ ମହାପାତ୍ର, ଅଜୟ ରାଉତ, ରୁକ୍ମିଣୀ ଦାସ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ବିଜୟ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ଖଇରା,୧୭।୧୨(ଡି.ଏନ.ଏ.)

କୁପାରୀ-ଆଗରପଡା ରାସ୍ତାର ଖଇରା ଥାନା ଅଧୀନ ରାମପୁର କେନାଲ ଛକ ନିକଟରେ ଏକ ହାଇୱା ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ କୃଷ୍ଣଚନ୍ଦ୍ର ବେହେରା । ଘର ଖଇରା ଥାନା ରଚିଣା ପଞ୍ଚାୟତ ଅଧୀନ ବଗଦିଆ ଗ୍ରାମରେ। ରାହାଞ୍ଜିଆ ଫେକରରୁ ୩ବର୍ଷ ତଳେ ଅବସର ଗ୍ରହଣ କରିଥିବା କୃଷ୍ଣଚନ୍ଦ୍ର ଗୁରୁବାର ଆଗରପଡାରୁ ନିଜ ଘର ଅଭିମୁଖେ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା ତାଙ୍କ ବାଇକ୍ ଉପରେ ମାଡିଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଆଗରପଡା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜାତୀୟ ପେନ୍‌ସନ ଦିବସ

ସୋର, ୧୭।୧୨(ଡି.ଏନ.ଏ.)

ସୋର ମ୍ୟୁନିସିପାଲିଟି ଅଧୀନ ଟ୍ରେଜେରୀ ନିକଟସ୍ଥ ଅବସରପ୍ରାପ୍ତ କର୍ମଚାରୀ ବିଶ୍ରାମ ଗୃହ ପରିସରରେ ଗୁରୁବାର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ପେନସନ ଦିବସ ସଂଘ ସଭାପତି ନବକିଶୋର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଯାଇଛି। ଦିବସ ପାଳନ ପୂର୍ବରୁ ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସୋର କୋଷାଗାର ଅଧିକାରୀ ଗିରିଜା ଶଙ୍କର ପତି ଓ ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇ ସୋର ଶାଖା ପରିଚାଳକ ଜ୍ୟୋତିରଞ୍ଜନ ବେହେରା ଓ ୟୁକୋ ବ୍ୟାଙ୍କ ସୋର ଶାଖା ପରିଚାଳକ ଅଜୟ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ପେନ୍‌ସନ୍‌ଭୋଗୀଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ନେଇ କହିଥିଲେ। ସଂଘ ସମ୍ପାଦକ ଭଗବାନ ମହାପାତ୍ର ସ୍ୱାଗତଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଦାମୋଦର ଦାଶମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା।

ଭଦ୍ରକ ଅଫିସ,୧୭।୧୨

ଭଦ୍ରକ ଜିଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ ଉତ୍ସବ ସଂଘର ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ସନ୍ତୋଷ ନାୟକ ଓ ସହ ନିର୍ବାଚନ ଅଧିକାରୀ ସରୋଜ ତପନ ଦାସ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ପ୍ରଥମେ ସଭାପତି ଦିଲୀପ କୁମାର ମହାପାତ୍ର, ଉପସଭାପତି ଅମିତାବାଳା ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ଦୀକ୍ଷିତ୍, କୋଷାଧ୍ୟକ୍ଷ ସୁରେନ୍ଦ୍ର କର, କାର୍ଯ୍ୟକାରୀ ସଦସ୍ୟ ବିଶ୍ୱଜିତ୍ ରାଉତ, ସଞ୍ଜୟ ନାୟକ ଓ ସଞ୍ଜୀବ ମହାପାତ୍ର ପ୍ରମୁଖ ଶପଥ ନେଇଥିଲେ। ଶପଥଗ୍ରହଣ ଉତ୍ସବରେ ବରିଷ୍ଠ ଆଇନଜୀବୀ ନିରାକାର ଜେନା, ବସନ୍ତ ଦାସ, ରାଧାକାନ୍ତ ନାୟକ, ଯତିକାନ୍ତ ନାୟକ, ପର୍ଶୁରାମ ଦ୍ୱିବେଦୀ ଓ ସନ୍ତୋଷ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# ୨୧ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଭଦ୍ରକ ଅଫିସ,୧୭।୧୨

ଭଦ୍ରକ ଜିଲା ଧାମରା ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଭାରତୀୟ ମଜଦୁର ସଂଘ ଓ ଏହାସହ ଅନୁବନ୍ଧିତ ଧାମରା ବନ୍ଦର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୧ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏନେଇ ପ୍ରସ୍ତୁତି ବୈଠକ ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବନ୍ଦର କର୍ମଚାରୀ ସଂଘର ସଭାପତି ଶାନ୍ତନୁ କୁମାର ମହାପାତ୍ର ଯୋଗଦେଇ କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ବୋନସ ନ ଦେବା, ବନ୍ଦରରେ କାର୍ଯ୍ୟଭାର ନେଉଥିବା କଣ୍ଟ୍ରାକ୍ଟରମାନେ ଆକ୍ରୋଶମୂଳକ ଭାବେ ଶ୍ରମିକଙ୍କୁ ଛଟେଇ କରିବା ନେଇ ଅଭିଯୋଗ କରିଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ବାରମ୍ବାର ବନ୍ଦର କର୍ତ୍ତୃପକ୍ଷ, ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବି ହାସଲ ହୋଇପାରୁ ନ ଥିବା କୁହାଯାଇଥିଲା। ଏଥିପାଇଁ ବାଧହୋଇ ସଂଘ ପକ୍ଷରୁ ଆସନ୍ତା ୨୧ରେ ବିକ୍ଷୋଭ, ପ୍ରତିବାଦ ସଭା ସହ ଗଣଧାରଣା ଦିଆଯିବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି। ବିଏମ୍‌ଏସ୍‌ର ଜିଲା ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଙ୍ଗଠନ ସମ୍ପାଦକ ପରେଶ ନାଥ ଧଳ, ବିଜୟ ମିଶ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## କାଠ ବୋଝେଇ ଗାଡ଼ି ଜବତ

ବାଙ୍ଗିରିପୋଷି,୧୭।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନ ବିଭାଗ ଏକ କାଠବୋଝେଇ ପିକ୍‌ଅପ୍ ଜବତ କରିବା ସହ ଚୋରାକାଠ ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରପୋଖରିଆ ଥାନା ଅନ୍ତର୍ଗତ ଉଞ୍ଚଗାଁ ଗ୍ରାମର ବିକାଶ ବେରା । ଜବତ କାଠର ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ ଅଜୟ କୁମାର ଦାସ ପ୍ରକାଶ କରିଛନ୍ତି। ବୁଧବାର ରାତିରେ ବାଙ୍ଗିରିପୋଷି ବନବିଭାଗ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦିଗ୍ଧ ଅବସ୍ଥାରେ ଯାଉଥିବା ପିକ୍‌ଅପ୍ ଭ୍ୟାନକୁ ଦେଖି ଅଟକାଇଥିଲେ। ଭ୍ୟାନରେ ଚୋରା କାଠଗଣ୍ଡି ଚାଲାଣ ହେଉଥିବା ଜାଣି ବନ ବିଭାଗ କର୍ମଚାରୀ ଭ୍ୟାନଟିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲେ।

## ଫେଡେରେଶନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଚମ୍ପୁଆ, ୧୭।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ଆଇସିଡିଏସ କାର୍ଯ୍ୟାଳୟ ପରିସରରେ ମା' ତୁଳସୀ ମିଶନ ଶକ୍ତି ବ୍ଲକସ୍ତରୀୟ ମହାସଂଘ କାର୍ଯ୍ୟାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଡିଓ ନୂପୁର ଚାନ୍ଦ ଗୋଟିଆ, ସମ୍ମାନିତ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ସିଡିପିଓ ସୀତା ମୁର୍ମୁ, ଡିପିସି ଶିଶିର ଷଡଙ୍ଗି ଓ ତ୍ରୈଲକ୍ୟ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତୁଳସୀ ମିଶନ ଶକ୍ତି ସଭାପତି ସେବତି ମହାକୁଡ ପରିଚାଳନା କରିଥିବା ବେଳେ ଓଡିଶା ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମହିଳାଙ୍କୁ ଆଗକୁ ବଢାଇବା ପାଇଁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଚମ୍ପୁଆ ବ୍ଲକର ୨୨ ଗୋଟି ପଞ୍ଚାୟତ ଓ ଗୋଟିଏ ଏନ୍‌ଏସିର ମିଶନ ଶକ୍ତିର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ।



ବିଡିଓଙ୍କ ଦ୍ୱାରା ଫେଡେରେଶନ କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଉଛି।

# ଛନ୍ଦରେ ଲେଖିଲେ ସମ୍ପୂର୍ଣ୍ଣ ମହାଭାରତ

ଚିତ୍ରଡ଼ା,୧୭।୧୨(ଡି.ଏନ୍.ଏ.)

ମହାଭାରତର ୧୮ଟି ପର୍ବକୁ ଛନ୍ଦ(ପଦ୍ୟ)ରେ ଲେଖି ବିରଳ ପ୍ରତିଭାର ପରିଚୟ ଦେଇଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ପଞ୍ଚାୟତ କାକୁଡିହା ଗ୍ରାମର କ୍ଷୀରୋଦ ଚନ୍ଦ୍ର ମହାନ୍ତ। ପେସାରେ ଶିକ୍ଷକତା, ନିଶା ତାଙ୍କର ସାହିତ୍ୟ ସାଧନା। ଛୁଟିଦିନ ହେଉ କିମ୍ବା ସ୍କୁଲରୁ ଘରକୁ ଫେରି ଆସିବା ପରେ କଲମ ଧରି ବସିଯାଆନ୍ତି ସାହିତ୍ୟ ରଚନାରେ। ଦୀର୍ଘ ୪୦ବର୍ଷ ହେଲା ସାହିତ୍ୟ ସାଧନାରେ ନିମଗ୍ନ କ୍ଷୀରୋଦ ଏକାଧାରରେ ଜଣେ ସାହିତ୍ୟିକ, ଗାଳ୍ପିକ, କବି ଏବଂ ଔପନ୍ୟାସିକ ଭାବେ ବେଶ ଜଣାଶୁଣା। ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକ ଭାବେ ସେ ଅବସର ନେଇ ସାରିଛନ୍ତି। ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟ ପରିଷଦ, ବେତନଟୀ ସାହିତ୍ୟ ପରିଷଦ ଏବଂ ଅନେକ ସାହିତ୍ୟ ସମ୍ମିଳନୀ ପକ୍ଷରୁ ସେ ସମ୍ମାନିତ ହୋଇଛନ୍ତି।

ଦୀର୍ଘ ୧୦ବର୍ଷ ହେବ ସେ 'ମହର୍ଷି ବେଦବ୍ୟାସ ରଚିତ ସଚିତ୍ର ମହାଭାରତ ଭାଷା' ନାମକ ଏକ ହିନ୍ଦୀ ପୁସ୍ତିକାକୁ ଓଡ଼ିଆରେ ଅନୁବାଦ କରିଥିଲେ। ପରେ ଅନୂଦିତ ମହାଭାରତର ୧୮ଟି ପର୍ବକୁ ଛନ୍ଦରେ ଲେଖିବା ଆରମ୍ଭ କରିଥିଲେ। ଏହାକୁ 'ପଞ୍ଚମବେଦ ଚୌଖିକ ମହାଭାରତ' ନାମରେ ନାମିତ କରି ମହାଭାରତର ୧୮ଟି ପର୍ବ ଯଥା ଆଦି ପର୍ବ, ସଭା ପର୍ବ, ବନ ପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମ ପର୍ବ, ଦ୍ରୋଣ ପର୍ବ, କର୍ଣ୍ଣ ପର୍ବ, ଶଲ୍ୟ ପର୍ବ, ଗଦା ପର୍ବ, ସୌପ୍ତିକ ପର୍ବ, ସ୍ତ୍ରୀ ପର୍ବ, ଶାନ୍ତି ପର୍ବ, ଅନୁଶାସନ ପର୍ବ, ଅଶ୍ୱମେଧ ପର୍ବ, ଆଶ୍ରୟ ବାସିକ ପର୍ବ, ମୌଷୋଳ ପର୍ବ ଏବଂ ମହାପ୍ରସ୍ଥାନିକ ପର୍ବ ଆଦିକୁ ସମ୍ପୂର୍ଣ୍ଣ ରୂପେ ଛନ୍ଦରେ ଲେଖିଛନ୍ତି। ଏହା ବ୍ୟତୀତ ୬୯ଟି କବିତାମାଳା ବିଶିଷ୍ଟ 'ସୌମ୍ୟବାଣୀ କ୍ଷେତ୍ର ଚାରଣେ' ନାମକ ଏକ ପୁସ୍ତିକା ମଧ୍ୟ ଲେଖିଛନ୍ତି। ଯେଉଁ ପୁସ୍ତିକାରେ ଚିତ୍ରଡ଼ା ଅଞ୍ଚଳର ଦେବସ୍ଥଳୀ ଏବଂ ବିଭିନ୍ନ ବିଷୟ ଉପରେ ବର୍ଣ୍ଣନା କରାଯାଇଛି। ଗ୍ରାମାଞ୍ଚଳର ସାହିତ୍ୟିକଙ୍କ ପ୍ରତି ସରକାର ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ। ନଚେତ ଆଗାମୀ ଦିନରେ ଗ୍ରାମାଞ୍ଚଳରେ ସାହିତ୍ୟ ଓ ଲୋକ ସାହିତ୍ୟ ଆଦି ଲୋପ ପାଇଯିବାର ସମ୍ଭାବନା ରହିଛି ବୋଲି କ୍ଷୀରୋଦ ଚନ୍ଦ୍ର କୁହନ୍ତି।



କ୍ଷୀରୋଦ ଚନ୍ଦ୍ର ମହାନ୍ତ।

